

Notes

ନାହିଁ । ସଂଖ୍ୟାଲଘୁ ସଂପ୍ରଦାୟର ଲୋକଙ୍କୁ ସଂପୂର୍ଣ୍ଣ ନିପାତ କରିବା, ଶିଶୁ ମାନଙ୍କୁ ଯୋର ଜବରଦସ୍ତି ସୈନ୍ୟ ବାହିନୀରେ ବ୍ୟବହାର କରିବା, ନାରୀ ମାନଙ୍କୁ ଗଣବଳାତ୍କାର ଆଦି ଜଘନ୍ୟ କାର୍ଯ୍ୟଗୁଡ଼ିକ ଗୃହଯୁଦ୍ଧର ଲକ୍ଷଣ ଥିଲା । ଶୀତଳଯୁଦ୍ଧ ପରେ ଯେଉଁମାନେ ବିଶ୍ୱର ସ୍ଥିରତା ଓ ସୁରକ୍ଷା ପାଇଁ ଚିନ୍ତିତ ଥିଲେ, ସେମାନଙ୍କ ପାଇଁ ଶାସକ ଗୋଷ୍ଠୀ ଓ ବିଦ୍ରୋହୀସୈନ୍ୟଙ୍କ ଦ୍ୱାରା ମାନବାଧିକାର ଉଲଂଘନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଂଗ ହେଲା । ରାଷ୍ଟ୍ରର ସୁରକ୍ଷା ଅପେକ୍ଷା ନାଗରିକର ସୁରକ୍ଷାକୁ ଅଧିକ ପ୍ରାଧାନ୍ୟ ମିଳିଲା ।

ଅପର ପକ୍ଷରେ, ଅଧିକାଂଶ ରାଷ୍ଟ୍ରର ଆଶଂକା ହେଲା ଯେ ଏହି ମାନବିକ ଅଧିକାର ବା ମାନବାଧିକାରର ଉଲଂଘନର ପ୍ରତିକାର ବାହାନାରେ ଗୋଟିଏ ରାଷ୍ଟ୍ର ଉପରେ ବାହ୍ୟ ସାମରିକ ହସ୍ତକ୍ଷେପ ହୋଇପାରିବ, ଯେପରି ୨୦୦୩ ମସିହାରେ ସଦାମ୍ ହୁସେନ୍ ଇରାକର ସିହା ଓ କୁର୍ଦ ଅଧିବାସୀଙ୍କ ଉପରେ ମରଣାନ୍ତକ ଅସ୍ତ୍ର ବ୍ୟବହାର କରୁଥିବା ବାହାନାରେ ଯୁକ୍ତରାଷ୍ଟ୍ର ଆମେରିକା ଇରାକ୍ ଉପରେ ଆକ୍ରମଣ କଲା । ଅଧିକାଂଶ ରାଷ୍ଟ୍ର ଯୁକ୍ତରାଷ୍ଟ୍ର ଆମେରିକାର ଏହି କାର୍ଯ୍ୟକୁ ନିନ୍ଦାକଲେ । ଏଥିରେ ଉଭୟ ଯୁକ୍ତରାଷ୍ଟ୍ର ଆମେରିକା ଓ ଇରାକ୍‌ର କିଛି ନାଗରିକ ମୃତ୍ୟୁ ବରଣ କଲେ । ଆମେରିକାର ଭିଏତ୍‌ନାମ ଆକ୍ରମଣ ଅପେକ୍ଷା ଇରାକ୍ ଆକ୍ରମଣ ଅଧିକ କ୍ଷତି ପହଂଚାଇଲା ବୋଲି ଧାରଣା ହେଲା । ଏହା ଥିଲା ଆମେରିକାର ଏକ ମସ୍ତବଡ଼ ଭୁଲ୍ ।

ସାଂପ୍ରତିକ ବିଶ୍ୱରେ ଧାର୍ମିକ ଅସହିଷ୍ଣୁତା ଥିଲା ଅସ୍ଥିରତାର ଅନ୍ୟ ଗୋଟିଏ କାରଣ । ଧର୍ମର ଦ୍ୱାହି ଦେଇ ବହୁ ଚରମପନ୍ଥୀ ଗୋଷ୍ଠୀ ଅଛନ୍ତି ଯେଉଁମାନେ ଦେଶବାହାରୁ ଅସ୍ତ୍ରଶସ୍ତ୍ର ଓ ଅର୍ଥ ସଂଗ୍ରହ କରୁଛନ୍ତି, ମାଫିଆ ମାନେ ନିଶାଦ୍ରବ୍ୟ ଓ ଅସ୍ତ୍ରଶସ୍ତ୍ର କାରବାର କରୁଛନ୍ତି । ଏହି ସୀମାପାର କାରବାର ଆଭ୍ୟନ୍ତରୀଣ ବିଶୃଙ୍ଖଳାର ଏକ ମୁଖ୍ୟ କାରଣ । ଆଜି କେବଳ ଗୋଟିଏ ରାଷ୍ଟ୍ର କାହିଁକି ବିଶ୍ୱର ଅଧିକାଂଶ ରାଷ୍ଟ୍ରର ସୁରକ୍ଷା ଦିଗରେ ଆନ୍ତର୍ଜାତୀୟ ସନ୍ତ୍ରାସବାଦ ଏକ ପ୍ରତିବନ୍ଧକ ରୂପେ ଛିଡା ହୋଇଛି । ଓସ୍‌ମା -ବିନ୍ -ଲାଡ଼େନଙ୍କ ନେତୃତ୍ୱରେ ଅଲ୍-କାଏଦା ସଂଗଠନ ବିଶ୍ୱର ସବୁଠାରୁ ମାରାତ୍ମକ ସଂଗଠନ ରୂପେ ଠିଆ ହୋଇଛି । ୧୧ ସେପ୍ଟେମ୍ବର ୨୦୦୧ ଯୁକ୍ତରାଷ୍ଟ୍ର ଆମେରିକାର ବିଶ୍ୱବାଣିଜ୍ୟ କେନ୍ଦ୍ର (WTO) ଉପରେ ଲାଡ଼େନ ଓ ତାର ସହଯୋଗୀ ମାନଙ୍କ ଦ୍ୱାରା ନୃଶଂସ ଭାବେ କରାଯାଇଥିବା ଅମାନୁଷିକ ଆକ୍ରମଣ ଯୁକ୍ତରାଷ୍ଟ୍ର ଆମେରିକା ପରି ଶକ୍ତିଶାଳୀ ରାଷ୍ଟ୍ରକୁ ଦୋହଲାଇ ଦେଲା । ଗଲା କେତେ ବର୍ଷ ହେଲା ଦକ୍ଷିଣ ଏସିଆ, ଭାରତ, ଶ୍ରୀଲଙ୍କା ଆଦି ରାଷ୍ଟ୍ର ସନ୍ତ୍ରାସବାଦର ଶିକାର ହୋଇ ଆସୁଛନ୍ତି । ସେପ୍ଟେମ୍ବର ମାସ ୨୦୦୪ ମସିହାରେ ଚେଚେନିଆ ସନ୍ତ୍ରାସବାଦୀ ଓ ରୁଷୀୟ କମାଣ୍ଡୋମାନଙ୍କ ମଧ୍ୟରେ ସଂଘର୍ଷ ଘଟିବା ଫଳରେ ୩୫୦ ଜଣ ବିଦ୍ୟାଳୟର ଛାତ୍ର ମୃତ୍ୟୁବରଣ କରିବା ଏକ ଦୁଃଖଦ ଘଟଣା ଥିଲା । ଲସ୍କର-ଇ-ତୋଇବା ପରି ଏକ ସନ୍ତ୍ରାସବାଦୀ ସଂଗଠନ ଦ୍ୱାରା ବମ୍ବେ ମହାନଗରୀରେ ନଭେମ୍ବର ୨୬, ୨୦୦୮ରେ ହୋଇଥିବା ଆକ୍ରମଣ ଦ୍ୱାରା ୧୬୬ଜଣ ନିରୀହ ଲୋକ ମୃତ୍ୟୁବରଣ କରିଥିଲେ ।

ଏହି ସବୁ ଅସ୍ଥିରତା ଦୃଷ୍ଟିରୁ 'ନିରାପତ୍ତା' ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଅଛି । ଏହି ଅସ୍ଥିରତା ପାଇଁ ବାହ୍ୟ ଶତ୍ରୁଙ୍କ ଦ୍ୱାରା କରାଯାଉଥିବା ଆକ୍ରମଣ ଉପରେ ସଂପୂର୍ଣ୍ଣ ଧ୍ୟାନ ନଦେଇ ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି ଚିନ୍ତା କରିବା ଆବଶ୍ୟକ । ସୁରକ୍ଷା ଅର୍ଥ ନୁହେଁ ଦେଶରକ୍ଷା ପାଇଁ କେବଳ ବଳିଷ୍ଠ ସୈନ୍ୟ ବାହିନୀ ଗଠନ କରିବା । ନାଗରିକମାନଙ୍କ ଆର୍ଥିକ, ସାମାଜିକ ଓ ପାରିପାର୍ଶ୍ୱିକ ଅବସ୍ଥାରେ ଉନ୍ନତି ଆଣିବା ଆବଶ୍ୟକ । ଯେ କୌଣସି ଗୋଟିଏ ରାଷ୍ଟ୍ର ଚାହିଁଲେ ଏକୁଟିଆ ସନ୍ତ୍ରାସବାଦର ମୁକାବିଲା କରିପାରିବ ନାହିଁ । ସେଥିପାଇଁ ସବୁ ରାଷ୍ଟ୍ରର ସହଯୋଗ ଆବଶ୍ୟକ ।

## ପ୍ରଶ୍ନାବଳୀ ୨୯.୪

୧। ଏକ -କୈନ୍ଦ୍ରିକ-ଶକ୍ତି ବିଶ୍ୱବ୍ୟବସ୍ଥାରେ ସ୍ଥିରତା ଆଣି ପାରିଲା କି ?

୨। ଯେଉଁ ସବୁ ଦେଶର ଭୂଖଣ୍ଡ ବିଭାଜିତ ହେଲା, ସେଥିରୁ କିଛି ଦେଶର ନାମ ଲେଖ ।



Notes



୩। ଗୃହଯୁଦ୍ଧ ଚାଲିଥିବା ଦେଶଗୁଡିକର ଉଦାହରଣ ଦିଅ ।

୪। ଯୁଦ୍ଧ ଓ ହିଂସା, ନିରୀହ ଜନସାଧାରଣମାନଙ୍କ ଉପରେ କୌଣସି ପ୍ରଭାବ ପକାଇପାରିଲା ନାହିଁ । (ଠିକ୍ ନା ଭୁଲ)

## ୨୯.୫. ଜଗତୀକରଣର ସକାରାତ୍ମକ ନକାରାତ୍ମକ ପ୍ରଭାବ (Positive and Negative Effects of Globalization)

ବିନା ଦ୍ୱିଧାରେ ଆମେ କହିପାରିବା ଯେ ଏକବିଂଶ ଶତାବ୍ଦୀର ବିଶ୍ୱରେ ଆର୍ଥନୈତିକ ବ୍ୟବସ୍ଥାକୁ ପ୍ରାଧାନ୍ୟ ଦେଇ ଜଗତୀକରଣ ପ୍ରକ୍ରିୟା ବିସ୍ତାର ଲାଭ କଲା । ସାଂସ୍କୃତିକ ଓ ରାଜନୈତିକ ସ୍ତରରେ ମଧ୍ୟ ଏହାର ପ୍ରଭାବ ପରିଲକ୍ଷିତ ହେଲା । ଶୀତଳ-ଯୁଦ୍ଧର ଅବସାନପରେ ସର୍ବତ୍ର ଘରୋଇକରଣ (Privatisation) ଓ ଆର୍ଥିକ ଉଦାରୀ କରଣ ପ୍ରକ୍ରିୟା (Liberalisation) ବିକାଶ ଓ ପ୍ରଗତିର କେବଳ ଏକମାତ୍ର ମାଧ୍ୟମ ବୋଲି ଗ୍ରହଣ କରାଗଲା ଏବଂ ୧୯୯୦ ମସିହା ବେଳକୁ ଅର୍ଥନୈତିକ ଓ ବ୍ୟବସାୟିକ କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ଅଣାଗଲା । ଜଗତୀକରଣ ଫଳରେ ଅନ୍ୟାନ୍ୟ ପ୍ରଗତି ମଧ୍ୟ ଦେଖାଦେଲା । ଇଲେକ୍ଟ୍ରୋନିକ୍ ଯୁଗରେ କମ୍ପ୍ୟୁଟର ଓ ଇଣ୍ଟରନେଟ୍ ମାଧ୍ୟମରେ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ଜ୍ଞାନ କୌଶଳ ମିଳିବା ସହଜସାଧ୍ୟ ହୋଇପାରିଛି । ବିଶ୍ୱରେ ଥିବା ଆର୍ଥିକ ଅନୁଷ୍ଠାନମାନଙ୍କ ସହିତ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (International Monetary Fund) ଓ ବିଶ୍ୱ ବ୍ୟାଙ୍କ (World Bank) ପରି ନୂଆ ନୂଆ ଶକ୍ତିଶାଳୀ ସଂସ୍ଥା ମୁକ୍ତ ବାଣିଜ୍ୟର ପ୍ରସାର ପାଇଁ ବଜାରରେ ପ୍ରବେଶ କରିଅଛନ୍ତି । ଏହା ହେଉଛି ବିଶ୍ୱ ବାଣିଜ୍ୟ ସଂଗଠନ (World Trade Organisation) । ବିଦେଶୀ ପୁଞ୍ଜି ନିବେଶ ଓ ମୁକ୍ତ-ବଜାର ଯୋଗୁଁ ଜିନିଷର ଆମଦାନୀ ଉପରେ ପ୍ରତିବନ୍ଧକ ନ ରହିବା ଦ୍ୱାରା ସମଗ୍ର ବିଶ୍ୱ ଏକ ପ୍ରଶସ୍ତ ବଜାରଭାବରେ ପରିଗଣିତ ହୋଇଛି । ଏହି ନୂତନ ପରିସ୍ଥିତିରେ "ବହୁଦେଶୀୟ କମ୍ପାନୀ" (Multi National Company) ଗୁଡ଼ିକର ମର୍ଯ୍ୟାଦା ଓ ସମ୍ମାନ ଓ ଅନ୍ୟଦେଶର ବାଣିଜ୍ୟରେ ସେମାନଙ୍କର ପ୍ରବେଶ ବୃଦ୍ଧି ପାଇଛି । ତେଣୁ ଏତିକି କୁହାଯାଇପାରେ ଯେ ଜଗତୀକରଣ ଏକ ପ୍ରକ୍ରିୟା, ଯେଉଁଥିରେ ସମଗ୍ର ବିଶ୍ୱକୁ ଏକାଠି କରି ଏକ ବଜାର ସୃଷ୍ଟି କରାଯାଇଛି, ଯେଉଁଠାରେ ବିନା ପ୍ରତିବନ୍ଧକରେ ବିଦେଶୀ ପୁଞ୍ଜି ନିବେଶ, ବିଦେଶୀ ଦ୍ରବ୍ୟ କିଣାବିକା, ସୂଚନା ଯୋଗାଯୋଗ ଏବଂ ଶ୍ରମିକଙ୍କ ପାଇଁ ରାଷ୍ଟ୍ରର କୌଣସି ନିର୍ଦ୍ଦିଷ୍ଟ ସୀମାରେଖା ରଖାଯାଇନାହିଁ । ଘରୋଇ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ସେମାନଙ୍କର ସ୍ୱଇଚ୍ଛାରେ ପୁଞ୍ଜି ନିବେଶ ଓ ପୁଞ୍ଜି ପ୍ରତ୍ୟାହାର କରିପାରିବେ । ଯେଉଁଠାରେ ଲାଭ ମିଳିବାର ସୁଯୋଗଥିବ, ବିଶ୍ୱର ଯେକୌଣସି ସ୍ଥାନରେ ସେମାନେ ସେମାନଙ୍କର ଉତ୍ପାଦନ କେନ୍ଦ୍ର ଖୋଲି ପାରିବେ । ସ୍ୱଳ୍ପ ବେତନ ଦେଇ ଦେଶ ବାହାରର କର୍ମଚାରୀଙ୍କୁ ଠିକାରେ ନିଯୁକ୍ତି ଦେଇପାରିବେ; ଦୂର-ଦୂରାନ୍ତରେ ଥିବା ଲୋକଙ୍କୁ ସେମାନଙ୍କର କର୍ମ ନିପୁଣତା ଅନୁସାରେ କାମ ଯୋଗାଇ ପାରିବେ; ବିକାଶଶୀଳ ଦେଶରେ ଉପଭୋକ୍ତାଙ୍କର ପସନ୍ଦ ମୁତାବକ ସେ ଦେଶର ପ୍ରସ୍ତୁତ ଦ୍ରବ୍ୟ ଗୁଡ଼ିକସହ ପ୍ରତିଦ୍ୱନ୍ଦିତା କରି ସେମାନଙ୍କ ନିଜର ଉତ୍ପାଦିତ ଦ୍ରବ୍ୟକୁ ବଜାରକୁ ବିକ୍ରୟ ପାଇଁ ଛାଡ଼ିପାରିବେ ଓ ସେଥିରୁ ଲାଭ ଉଠାଇ ପାରିବେ, ଇତ୍ୟାଦି । ଏହି ଜଗତୀକରଣ ପ୍ରକ୍ରିୟା ଦ୍ୱାରା ବହୁଦେଶୀୟ କମ୍ପାନୀ, ବୈଦେଶିକ ଗଣମାଧ୍ୟମ ବେସରକାରୀ ସଂଗଠନମାନଙ୍କର ପ୍ରଭାବରେ 'ତୃତୀୟ ବିଶ୍ୱ' (Third World) ରାଷ୍ଟ୍ରମାନଙ୍କର ସାର୍ବଭୌମତ୍ୱ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି । ଜାତିରାଷ୍ଟ୍ର (Nation State)ର ଭୂଖଣ୍ଡର ସୀମା ଜଗତୀକରଣ ପ୍ରଭାବରେ କ୍ଷୁର୍ଣ୍ଣ ହୋଇଛି ।

ଅନେକ ଆଶା ରଖି ବିକାଶଶୀଳ ରାଷ୍ଟ୍ରମାନେ ଜଗତୀକରଣ ପ୍ରକ୍ରିୟାରେ ସାମିଲ ହୋଇଥିଲେ । ପ୍ରତିଦ୍ୱନ୍ଦିତା ମୂଳକ ବଜାରରେ ଉଚ୍ଚମାନର କମ୍ପ୍ୟୁଟର ସଫଟ୍‌ୱୟାର କମ୍ପାନୀର ବିକାଶ, ପ୍ରାୟୋଗିକ ବିଦ୍ୟା ସଂକ୍ରାନ୍ତରେ କୁଶଳୀ ମାନବ ସମ୍ବଳକୁ ନେଇ ଭାରତ ଜଗତୀକରଣ ଦ୍ୱାରା ଅନେକ ସଫଳତା ପାଇବା ଆଶା ରଖିଥିଲା । ୧୯୯୧ ମସିହାଠାରୁ ଭାରତ ତା'ର ପ୍ରଚଳିତ ଅର୍ଥନୀତିରେ ପରିବର୍ତ୍ତନ ଆଣି ସରକାରୀ କମ୍ପାନୀ



Notes

ଗୁଡ଼ିକରେ ଘରୋଇ କରଣ ଓ ଉଦାରୀକରଣ ନୀତିକୁ ଗ୍ରହଣ କରି ବିଦେଶୀ ପୁଞ୍ଜି ନିବେଶ ଓ ପୁଞ୍ଜି ପ୍ରତ୍ୟାହାର ଆଦିକୁ ପ୍ରାଧାନ୍ୟ ଦେଇଆସିଛି । ଖାଉଟିଙ୍କର ରୁଚି ମୁତାବକ ମଟର ଗାଡ଼ି ଠାରୁ ଆରମ୍ଭ କରି ଖାଦ୍ୟ ଦ୍ରବ୍ୟ ପର୍ଯ୍ୟନ୍ତ ସମସ୍ତ ବିଦେଶୀ ଦ୍ରବ୍ୟର ବଜାରରେ ସୁଅ ଛୁଟିଛି । ଜଗତୀକରଣ ସମୟରେ ଭାରତର ଅର୍ଥନୀତି ଦ୍ରୁତ ଗତିରେ ଆଗେଇ ଚାଲିଛି ବୋଲି ସରକାର ଦାବୀ କରୁଛନ୍ତି ।

ଜଗତୀକରଣ ପ୍ରକ୍ରିୟା ଭାରତରେ ଫଳପ୍ରଦ ହୋଇଥିଲେହେଁ ଏହାର ଅନେକ କୁ-ପ୍ରଭାବ ଅନୁଭୂତ ହେଉଛି । ଆମେରିକୀୟ କମ୍ପାନୀ, ବିଦେଶୀ ମୁଦ୍ରା, ଟିଭି ଚ୍ୟାନେଲ ଓ ଅସ୍ତ୍ରଶସ୍ତ୍ର ବିଶ୍ୱର ଅର୍ଥନୀତିକୁ ନିୟନ୍ତ୍ରଣ କରୁଛି । ଏପରିକି ଅନେକ ବିକଶିତ ରାଷ୍ଟ୍ରମାନଙ୍କରେ ସ୍ଥାନୀୟ କମ୍ପାନୀ ଗୁଡ଼ିକ ବନ୍ଦ ହୋଇଯିବା ଫଳରେ ଲକ୍ଷ ଲକ୍ଷ ସଂଖ୍ୟାରେ ବେକାରୀ ସୃଷ୍ଟି ହୋଇଛି । ସରକାର ସଂପୂର୍ଣ୍ଣ ସହଯୋଗ ପ୍ରତ୍ୟାହାର କରି ସାର, ବିଦ୍ୟୁତ ବ[ନ ଓ ଅନ୍ୟାନ୍ୟ ଦରକାରୀ ଦ୍ରବ୍ୟ ଉପରେ ଅଳ୍ପ କିଛି ସାହାଯ୍ୟ (Subsidies) ଦେଉଥିବାରୁ ଗାଁ ଗହଳିରେ ଚାଷୀକୁଳ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଧନୀ ନିର୍ଧନଙ୍କ ମଧ୍ୟରେ ରୋଜଗାରର ତାରତମ୍ୟ ବଢ଼ିବଢ଼ି ଚାଲିଛି । ବିଶ୍ୱର ଅର୍ଦ୍ଧାଧିକ ଜନସଂଖ୍ୟା ଦାରିଦ୍ର୍ୟ ଭିତରେ ବୁଡ଼ି ରହିଛନ୍ତି । ବିକାଶଶୀଳ ଦେଶମାନଙ୍କୁ ଆର୍ଥିକ ସାହାଯ୍ୟ ଦେଉଥିବା ଧନୀ ରାଷ୍ଟ୍ରମାନଙ୍କର ସଂଖ୍ୟା ବଢୁନାହିଁ, ଯାହାଫଳରେ ବିକାଶଶୀଳ ରାଷ୍ଟ୍ରମାନଙ୍କର ଋଣ ଭାର ବଢ଼ିବଢ଼ି ଚାଲିଛି । ଅନ୍ୟ ଅର୍ଥରେ କହିଲେ, ବିଶ୍ୱର ତିନିଜଣ ଶ୍ରେଷ୍ଠ କୋଟି ପତିଙ୍କର ସମ୍ପତ୍ତିର ମୂଲ୍ୟ, ସମସ୍ତ ସ୍ୱଳ୍ପ ବିକାଶଶୀଳ ରାଷ୍ଟ୍ରମାନଙ୍କର ଜାତୀୟ ସମ୍ପତ୍ତିକୁ ଏକାଠି ମିଶାଇଲେ ମଧ୍ୟ ତା'ଠାରୁ ଅଧିକ । ଜଗତୀକରଣକୁ ଧନ୍ୟବାଦ, ରାଷ୍ଟ୍ରମାନେ ଏଡସ୍ (AIDS) ଭଳି ମାରାତ୍ମକ ରୋଗରେ ବିସ୍ତାର ଯୋଗୁଁ ଆଶଙ୍କା ଭିତରେ ବାସ କରୁଅଛନ୍ତି । ଏହାକୁ ରୋକିବା ଦିଗରେ ଯାହାକିଛି ପଦକ୍ଷେପ ନିଆଯାଉଛି, ତାହା ଯଥେଷ୍ଟ ନୁହେଁ ।

ଜଗତୀକରଣର ସୁଫଳ ଯଦି ଲୋକମାନଙ୍କ ଦ୍ୱାରା ଆଦୃତ ନହୁଏ ତେବେ ବିଶ୍ୱ ବ୍ୟବସ୍ଥାରେ ଜଗତୀକରଣ ଉପରେ ଲୋକମାନଙ୍କର ଆସ୍ଥା ଓ ବିଶ୍ୱାସ ଏକ ପ୍ରଶ୍ନବାଚୀ ହୋଇରହିଯିବ ।

## ପ୍ରଶ୍ନାବଳୀ ୨୯.୫

୧। ଜଗତୀକରଣ କେବଳ ଆର୍ଥିକ ବ୍ୟବସ୍ଥାରେ ସମର୍ପିତ । (ଠିକ୍ କିମ୍ବା ଭୁଲ୍)

୨। ପାଶ୍ଚାତ୍ୟ ଘରୋଇ କମ୍ପାନୀଗୁଡ଼ିକ ଜଗତୀକରଣ ଦ୍ୱାରା ବିଶେଷ ଉପକୃତ ହେଲେ ।
(ଠିକ୍ କିମ୍ବା ଭୁଲ)

୩। ଜଗତୀକରଣ, ସୂଚନା ପ୍ରଯୁକ୍ତିବିଦ୍ୟା ଓ ଯୋଗାଯୋଗ ଜ୍ଞାନ କୌଶଳରେ ଏକ ବିପ୍ଳବ ଆଣିଛି ।
(ଠିକ୍ କିମ୍ବା ଭୁଲ୍)

୪। ରାଷ୍ଟ୍ରମାନଙ୍କ ମଧ୍ୟରେ ଓ ରାଷ୍ଟ୍ର ଭିତରେ ରୋଜଗାର ତାରତମ୍ୟ ବଢ଼ିଲା । (ହଁ କିମ୍ବା ନାଁ)

## ତୁମେ କ'ଣ ଶିଖିଲ ?

ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ସଂପର୍କର ପରିଚାଳନା କରି କେତେକ ଶକ୍ତିଶାଳୀ ରାଷ୍ଟ୍ର ବିଶ୍ୱ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଅଛନ୍ତି । ବିଗତ ଶତାବ୍ଦୀରେ ଶାନ୍ତି ଓ ପ୍ରଗତି ବିଶ୍ୱ ବ୍ୟବସ୍ଥାର ମୁଖ୍ୟ ଲକ୍ଷ୍ୟ ଥିଲା । ପ୍ରାୟ ଅର୍ଦ୍ଧ ଶତାବ୍ଦୀ (୧୯୪୫-୧୯୯୦) ଧରି ଶୀତଳ ଯୁଦ୍ଧ ଓ ଦ୍ୱି-କୈନ୍ଦ୍ରିକ ଶକ୍ତିର ଉତ୍‌ଥାନ ସକାଶେ ଏହି ଲକ୍ଷ୍ୟ ପୂରଣ ହୋଇ ପାରିଲା ନାହିଁ । ଏହି ସମୟରେ, ଯାହାହେଉ, ୟୁରୋପୀୟ ୟୁନିଅନ୍ ଓ ଗୋଷ୍ଠୀନିରପେକ୍ଷ ଆନ୍ଦୋଳନର ପ୍ରଭାବ ସକାଶେ ବିଶ୍ୱରେ ବହୁ-କୈନ୍ଦ୍ରିକ ଶକ୍ତି ସୃଷ୍ଟି ହେଲା । ଶୀତଳ-ଯୁଦ୍ଧର ଅବସାନ ପରେ

ଯୁକ୍ତରାଷ୍ଟ୍ର ଆମେରିକା ଏକ ସର୍ବାଧିକ ଶକ୍ତିଶାଳୀ ରାଷ୍ଟ୍ରହେବା ଯୋଗୁଁ ବିଶ୍ୱରେ ଏକ-କୈନ୍ଦ୍ରିକ ଶକ୍ତି ସ୍ଥାପିତ ହେଲା । ବିଶ୍ୱ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ଯୋଗୁଁ ବିଶ୍ୱର ବିଭିନ୍ନ ଅଂଚଳରେ ରାଜନୈତିକ ଅସ୍ଥିରତାପରି ସମସ୍ୟା ଗୁଡ଼ିକ ଜନ୍ମନେଲା । ଆର୍ଥିକ ଜଗତୀକରଣ- ଯାହା ଝଡପରି ଦ୍ରୁତ ବେଗରେ ଆସି ଜନସାଧାରଣ ଓ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ରୋଜଗାରର ତାରତମ୍ୟ ବଢ଼ାଇ ହେଲା ।

## ଅନୁଶୀଳନୀ

୧। ବିଶ୍ୱବ୍ୟବସ୍ଥାର ଅର୍ଥ ଓ ଏହାର ମୌଳିକ ଉପାଦାନ ଗୁଡ଼ିକ ଆଲୋଚନା କର ।

୨। ଶୀତଳ ଯୁଦ୍ଧରେ ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ୍ ରୁଷ ମଧ୍ୟରେ କିପରି ସଂଘର୍ଷ ହେଲା ?

୩। ବିଶ୍ୱରେ ଦ୍ୱି-କୈନ୍ଦ୍ରିକ ଶକ୍ତି କ୍ରମଶଃ ବହୁକୈନ୍ଦ୍ରିକ ଶକ୍ତିରେ କିପରି ପରିଣତ ହେଲା, ତାହା ବିଷଦ୍ ଭାବେ ବୁଝାଅ ?

୪। ବିଶ୍ୱରେ ଏକ କୈନ୍ଦ୍ରିକ ଶକ୍ତିର ଲକ୍ଷଣ ସ୍ୱରୂପ ଗୃହଯୁଦ୍ଧ ଓ ସନ୍ତ୍ରାସବାଦର ଭୂମିକା ଆଲୋଚନା କର ।

୫। ଜଗତୀକରଣର କୁପ୍ରଭାବ ଆଲୋଚନାକର ।

## ପ୍ରଶ୍ନାବଳୀର ଉତ୍ତର

**୨୯.୧**

୧। ରାଷ୍ଟ୍ର ବା ସାଧାରଣ ଅର୍ଥରେ ଦେଶ

୨। ନାଁ

**୨୯.୨**

୧। ଯୁକ୍ତରାଷ୍ଟ୍ର ଆମେରିକା, ସୋଭିଏତ୍ ୟୁନିଅନ୍ ଗ୍ରେଟ୍ ବ୍ରିଟେନ

୨। ହଁ

୩। ଯୁକ୍ତରାଷ୍ଟ୍ର ଆମେରିକା ଓ ପୂର୍ବତନ ସୋଭିଏତ୍ ୟୁନିଅନ୍

୪। ନାଟୋ ଓ ୱାରସଅ ଚୁକ୍ତି ସଂଗଠନ

୫। ହଁ । ଏହାକୁ ଦେତେନ୍ତେ (Detente) କୁହାଯାଉଥିଲା

**୨୯.୩**

୧। ସୋଭିଏତ୍ ୟୁନିଅନ୍

୨। ମିଖାଇଲ୍ ଗୋରାବାଚୋଭ୍

୩। ଯୁକ୍ତରାଷ୍ଟ୍ର ଆମେରିକା

୪। ନାଁ

**୨୯.୪**

୧। ନାଁ

୨। ୟୁଗୋସ୍ଲାଭିଆ, ଚେକୋସ୍ଲୋଭାକିଆ

୩। ଆଫଗାନିସ୍ଥାନ, ସୋମାଲିଆ, ସିଏରାଲିଓନ୍, ୟୁଗେସ୍ଲୋଭିଆ, ଶ୍ରୀଲଙ୍କା ।



Notes

୪।    ଭୁଲ ।

**୨୯.୫**

୧। ଭୁଲ

୨। ଠିକ୍

୩। ଠିକ୍

୪। ହଁ

**ଅନୁଶୀଳନୀର ଉତ୍ତର ଲେଖିବା ପାଇଁ ସୂଚନା**

୧। ଅନୁଚ୍ଛେଦ ୨୯.୧., ପ୍ରଥମ ଓ ତୃତୀୟ ପାରା ଦେଖ ।

୨। ଅନୁଚ୍ଛେଦ ୨୯.୨, ୪ର୍ଥ ପାରା ଦେଖ ।

୩। ଅନୁଚ୍ଛେଦ ୨୯. ୨, ୬ଷ୍ଠ ପାରା ଦେଖ ।

୪। ଅନୁଚ୍ଛେଦ ୨୯.୪, ୩ୟ ଓ ୬ଷ୍ଠ ପାରା ଦେଖ ।

୫। ଅନୁଚ୍ଛେଦ ୨୯. ୫, ୩ୟ ପାରା ଦେଖ ।

❑❑❑